# Akashvani, Sambalpur

# SAMBALPURI NEWS BULLETIN

## 26 November 2024- 6.47- 6.52 am.

*********************************************

ସମ୍ବିଧାନ୍ ଦିବସ୍          ଏନ୍ଏସ୍ଡି

ଆଏଜ୍ ହେଉଛେ ଭାରତୀୟ ସମ୍ବିଧାନ୍ ଦିବସ୍ । ୧୯୪୯ ମସିହା ଆଝିର୍ ଦିନେ ଭାରତ୍ର ସମ୍ବିଧାନ୍ ସଭାଥି ଗୃହିତ ହେଇଥିବା ସମ୍ବିଧାନ୍ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ୍ ଦିନ ଲାଗୁ ହେଇଥିଲା । ସମ୍ବିଧାନ୍ ଗ୍ରହଣ୍ର ୭୫ ବଛର୍ ପୂର୍ତିକେ ଆଏଜ୍ଠାନୁ ବଛ୍ରେତକ୍ ପାଲନ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ ଘୋଷ୍ନା କରିଛନ୍ । ଆଏଜ୍ ସମ୍ବିଧାନ୍ ଦିବସ୍ ଅବ୍ସରେ ନୂଆଦିଲ୍ଲୀ ସମ୍ବିଧାନ୍ ସଦନ୍ର କେନ୍ଦ୍ରୀୟ ହଲ୍ ନ ଗୁଟେ ବଡ଼ କାର୍ଯ୍ୟକ୍ରମ୍ ହେଉଛେ । ଇଥି ସଂସଦର୍ ଦୁହି ଗୃହକେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍ବୋଧନ୍ ଦେବେ । 'ହମାରା ସମ୍ବିଧାନ୍- ହମାରା ସ୍ୱାଭିମାନ୍' ଟେଗ୍ ଲାଇନ୍କେ ନେଇକରି କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ।

ସେଆଡ଼େ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁପ୍ରିମ୍କୋର୍ଟରେ ପ୍ରଶାସନିକ ଭବନ୍ ପରିସର୍ ନ ହେବାର୍କେ ଥିବା ସମ୍ବିଧାନ୍ ଦିବସ୍ ସମାରୋହଥି ଯୋଗ୍ ଦେବେ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ଭାରତୀୟ ନ୍ୟାୟ ପାଲିକାର୍ ବାର୍ଷିକ ରିପୋର୍ଟ ୨୦୨୩ -୨୪

ଉନ୍ମୋଚନ୍ କର୍‌ବାର୍ ସହେତେ ସମାବେଶ୍‌କେ ସମ୍ବୋଧନ୍ କର୍‌ବେ । ଇଥି ପ୍ରଧାନ୍‌ବିଚାର୍‌ପତି ଆର୍ ସୁପ୍ରିମ୍‌କୋର୍ଟର୍ ଅଲ୍‌ଗା ବିଚାର୍‌ପତିମାନେ ଭିଲ୍ ଉପସ୍ଥିତ୍ ରହେବେ ।

କେନ୍ଦ୍ର କେବିନେଟ୍ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ କେନ୍ଦ୍ର କେବିନେଟ୍ ବୈଠକ୍ ହେଇଯାଇଛେ । ଇ ବୈଠକ୍ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ଯେ, କେନ୍ଦ୍ର କେବିନେଟ୍ ନେସ୍‌ନାଲ୍ ମିଶନ୍ ଅଫ୍ ନେଚୁରାଲ୍ ଫାର୍ମିଙ୍ଗ୍‌କେ ମଞ୍ଜୁରୀ ଦେଇଛେ । ଇଥି ସାରା ଦେଶେ ପ୍ରାକୃତିକ ଚାଷ୍‌କେ ତହଁକାବାର୍ ଲାଗି ୨ ହଜାର୍ ୪ ଶହ ୮୧ କୋଟି ଟଙ୍କା ଖର୍ଚ୍ଚା କରାଯିବା । ସେନ୍ତା କେନ୍ଦ୍ର କେବିନେଟ୍ ପାନ୍-ଟୁ ପଏଂଟ୍ ଜିରୋ ପ୍ରକଳ୍ପକେ ମଞ୍ଜୁରୀ ଦେଇଛେ । ଆଗ୍‌କେ କ୍ୟୁଆର୍ କୋଡ଼୍ ସହେତେ ପେନ୍‌କାର୍ଡ଼ ଆସ୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ସେନ୍ତା ୱାନ୍ ନେସନ୍ ୱାନ୍ ସବ୍‌କ୍ରିପ୍‌ସନ୍ କେ ଭିଲ୍ ମଞ୍ଜୁରୀ ମିଲିଛେ । ଇଟା ହେବାର୍‌ନୁ ଶିକ୍ଷା ବାବ୍‌ଦେ ଥିବା ରିସୋର୍ସ ମାନ୍‌କେ ସାର୍ବଜନୀନ ବେଭାର୍ ଉପ୍‌ରେ ଗୁରୁତ୍ୱ ଦିଆଯିବା । ଇତାର୍‌ସହେତେ ଅଟଳ ଇନୋଭେସନ୍ ମିଶନ୍ ଟୁ ପଏଂଟ୍ ଜିରୋ କେ ଭିଲ୍ କେବିନେଟ୍ ମଞ୍ଜୁରୀ ମିଲିଛେ । ଇ ମିଶନ୍ ଜରିଏ ସାରା ଦେଶେ ଷ୍ଟାର୍ଟଅପ୍, ଗବେଷଣା ଆଉ

ଉନ୍ନତିକରଣ୍ କାର୍ଯ୍ୟକ୍ରମ୍ ତୁର୍‌ତି କରାଯିବା ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ବିଧାନ୍‌ସଭା ଅଧିବେଶନ୍ /ଆର୍‌ଏନ୍‌ୟୁ କଟକ୍

ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ଇ ଅଧିବେଶନ୍ ଡିସେମ୍ବର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍‌ଥି ୩୦ ଟା କାର୍ଯ୍ୟଦିବସ୍ ରହିଛେ । ମୁଖ୍ୟମନ୍ତ୍ରୀ ଆର୍ ଅର୍ଥମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ପହେଲା ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କର୍‌ବେ । ଅଧିବେଶନ୍ ସମିଆଥି ଡିସେମ୍ବର୍ ୨ ନୁ ୪ ତାରିଖ୍‌ତକ୍ ଅତିରିକ୍ତ ଖର୍ଚ୍ଚ ଦାବି ଉପ୍‌ରେ ଆଲୋଚନା ହେବା ।

ମହକ୍- ଉତ୍ସାହ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ 'ମହକ୍- ଉତ୍ସାହ ୨୦୨୪' ମୁଲ୍ ହେଉଛେ । ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ହେଉଥିବା ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ସମ୍ମାନିତ୍ ଅତିଥି ଭାବେ ଦୁହି ଉପମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଛୁଆମାନ୍‌କୁ ତହଁକାବେ ।

ଦ ଟିଚର୍ ଆପ       ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ନ ଗଲାକାଏଲ୍ 'ଦ ଟିଚର୍' ଆପ୍‌ର ଶୁଭାରମ୍ଭ କରିଛନ୍ । ଶିକ୍ଷା କ୍ଷେତ୍ରଥି ପରିବର୍ତନ୍ ଆନ୍‌ବାର୍ ସହେତେ ଦେଶେ ଛୁଆ ଆର୍ ଯୁଆନ୍ ପିଢ଼ି ର ଜୀବନ୍‌ଥି ଉନ୍ନତି ଆନ୍‌ବାର୍ ଲାଗି ଭାରତୀ ଏୟାର୍‌ଟେଲ୍ ଫାଉଣ୍ଡେସନ୍ ତର୍‌ଫୁ ଇ ଆପ୍ ତିଆର୍ କରାଯାଇଛେ । ଆପ୍ ଉନ୍ମୋଚନ୍ ଅବ୍‌ସରେ ଶିକ୍ଷକ୍‌ମାନ୍‌କର୍ ଉନ୍ନତିଥି ଭାରତ୍‌ର ଉନ୍ନତି ଶୀର୍ଷକ୍ ବିଷୟବସ୍ତୁ ଉପ୍‌ରେ ବହୁତ୍‌ଟେ ଶିକ୍ଷାବିତ୍ ଆର୍ ବ୍ୟକ୍ତିବିଶେଷ୍‌ମାନ୍‌କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଉଦ୍‌ବୋଧନ୍ ଦେଇଥିଲେ ।

ଜମି ବିକ୍ରି ସରଳୀକରଣ୍       ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଜମି ବିକ୍ରି ଲାଗି ଥିବା ଆଇନ୍‌ଗତ ସମସ୍ୟାର୍ ସମାଧାନ୍ କରି ଇଟାକେ ସରଲ୍ କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଶ୍ରୀ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବିଧାନ୍‌ସଭା ପ୍ରକୋଷ୍ଠ ନ ହେଇଥିବା ଗୁଟେ ସମୀକ୍ଷା ବୈଠକ୍‌ଥି ରେରା ଆଇନ୍, ଉନ୍ନୟନ୍ ଆଇନ୍ ଆଂଚଲିକ୍ କର୍ତୃପକ୍ଷଙ୍କର୍ ଆଇନ୍‌ର ତର୍ଜମା କରାଯାଇଥିଲା ।

ଫଂଚାୟତିରାଜ୍ ମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏବା ୫ ବଛର୍ ଭିତ୍ରେ ୩୦ ହଜାର୍ କିଲୋମିଟର୍ ରାସ୍ତା ତିଆର୍ କର୍ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ଫଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗ୍ରାମ ଉନ୍ନୟନ୍ ବିଭାଗ୍ର ସମୀକ୍ଷା ବୈଠକ୍ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ନାଏକ୍ ରାସ୍ତା ତିଆରି ସମିଆଥି ଇତାର୍ ମାନ ନେଇକରି ସାଲିସ୍ ନାଇଁ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବାଚସ୍ପତି-ଆନ୍ତର୍ଜାତିକ ବାଣିଜ୍ୟ ମେଳା ଆର୍ଏନ୍ୟୁ /ସମ୍ବଲପୁର

ବାଚସ୍ପତି ସୁରମା ପାଢ଼ୀ ଗଲାକାଏଲ୍ ନୂଆଦିଲ୍ଲୀ ଭାରତ୍ ମଣ୍ଡପମ୍ ନ ଚାଲିଥିବା ଭାରତ୍ ଆନ୍ତର୍ଜାତିକ ବାଣିଜ୍ୟ ମେଳାର ଓଡ଼ିଶା ମଣ୍ଡପ୍କେ ବୁଲି ଦେଖିଛନ୍ । ଇ ଅବ୍ସରେ ଶ୍ରୀମତୀ ପାଢ଼ୀ ଷ୍ଟଲ୍ ମାନ୍କେ କାମ୍ କରୁଥିବା ମହିଳାମାନ୍କର୍ ସାଙ୍ଗେ କଥାବାର୍ତା କରିଥିଲେ ।

ସମ୍ବିଧାନ୍ ଦିବସ-୧ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍ ନ ଆଏଜ୍ ସମ୍ବିଧାନ୍ ଦିବସ୍ ପାଲନ୍ ହେବା । ଇତାକେ ନେଇକରି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯାଇଛେ । ଇ ଅବ୍‌ସରେ ଚିତ୍ରାଙ୍କନ, ପୋଷ୍ଟର୍ ତିଆରି ଆର୍ ହସ୍ତଶିଳ୍ପ ପ୍ରତିଯୋଗିତାମାନ୍ କରାଯିବା ।

ଧନୁଯାତ୍ରା ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱ ପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରା ଲାଗି ନୂଆଁ କଂସ କଲାକାର୍ ବଛାଯିବା । ଇଥିର୍‌ଲାଗି ବର୍‌ଗଡ୍ ଧନୁଯାତ୍ରା ମହୋତ୍ସବ୍ ସମିତି ତର୍ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ ।

ସ୍ୱନିଧିନୁ ସମୃଦ୍ଧି ଶିବିର ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ତର୍ଫୁ ସ୍ୱନିଧିନୁ ସମୃଦ୍ଧି ଶିବିର ହେଇଯାଇଛେ । ଶିବିରଥି ଖଡ଼ିଆଲ୍ ନଗର୍‌ପାଲ୍ ଉଜ୍ୱଲ୍ ଗୁପ୍ତା ଯୋଗ୍ ଦେଇକରି ସର୍‌କାର୍‌ଙ୍କର୍ ୮ ଟା କଲ୍ୟାଣ୍ ଯୋଜ୍‌ନାର୍ ଲାଭ୍ ଉଠାବାର୍‌କେ ଆହ୍ୱାନ୍ ଦେଇଥିଲେ ।